# NATIONAL NEWS BULLETIN (ODIA)
## 21 June - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

# ପିଏମ୍‌-ଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବୃଦ୍ଧି ପାଉଥିବା ଚାପ, ଅଶାନ୍ତି ଏବଂ ଅସ୍ଥିରତା ମଧ୍ୟରେ ଯୋଗ ଶାନ୍ତିର ପଥ ପ୍ରଦାନ କରିଥାଏ । ଆନ୍ଧ୍ରପ୍ରଦେଶରେ ବିଶାଖାପଟନମ୍‌ଠାରେ ଏକାଦଶତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଜୀବନରେ ସନ୍ତୁଳନ ରକ୍ଷା କରିବାରେ ଏହା ବିଶେଷ ସହାୟକ ହୋଇଥାଏ । ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗ ଦିବସକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସଂପ୍ରଦାୟକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆମେ ସମସ୍ତେ ମିଶି ଯୋଗକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା । ଯେଉଁ ଆନ୍ଦୋଳନ ବିଶ୍ୱକୁ ଶାନ୍ତି,

ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିକୁ ନେବେ ଏବଂ ଯୋଗଭ୍ୟାସ କରି ମନୁଷ୍ୟ ସମସ୍ତ ଚାପରୁ ମୁକ୍ତି ପାଇବ ।

**V/O**

ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗିତାର ଏକ ମାଧ୍ୟମ ଭାବେ ବିକଶିତ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଶ୍ୱକୁ ସଂଘର୍ଷରୁ ସହଯୋଗ ଏବଂ ଚାପରୁ ସମାଧାନର ମାର୍ଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଜ୍ଞାନ ଆଧୁନିକ ଗବେଷଣା ମାଧ୍ୟମରେ ବିଶ୍ୱସ୍ତରରେ ପ୍ରସାର କରିବାରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମସାମୟିକ ଚିକିତ୍ସା ପଦ୍ଧତିରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ।

ନୂଆଦିଲ୍ଲୀ ଏମ୍‌ସର ଗବେଷଣା ନିଷ୍କର୍ଷକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ହୃଦ୍‌ରୋଗ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତାରେ ଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଛନ୍ତି ।

ବିଶାଖାପଟନମ୍ କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ୭୨ ହଜାର ଲୋକ ଅଂଶ ଗ୍ରହଣ କରିଥିଲେ । ଏଥିରେ ୪୫ ମିନିଟ୍‌ର ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

# ପିଏମ୍-ଯୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବୃଦ୍ଧି ପାଉଥିବା ଚାପ, ଅଶାନ୍ତି ଏବଂ ଅସ୍ଥିରତା ମଧ୍ୟରେ ଯୋଗ ଶାନ୍ତିର ପଥ ପ୍ରଦାନ କରିଥାଏ । ଆନ୍ଧ୍ରପ୍ରଦେଶରେ ବିଶାଖାପଟନମ୍‌ଠାରେ ଏକାଦଶତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଜୀବନରେ ସନ୍ତୁଳନ ରକ୍ଷା କରିବାରେ ଏହା ବିଶେଷ ସହାୟକ ହୋଇଥାଏ । ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗ ଦିବସକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସଂପ୍ରଦାୟକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଆମେ ସମସ୍ତେ ମିଶି ଯୋଗକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା । ଯେଉଁ ଆନ୍ଦୋଳନ ବିଶ୍ୱକୁ ଶାନ୍ତି, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧିକୁ ନେବେ ଏବଂ ଯୋଗଭ୍ୟାସ କରି ମନୁଷ୍ୟ ସମସ୍ତ ଚାପରୁ ମୁକ୍ତି ପାଇବ ।

**V/O**

ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗିତାର ଏକ ମାଧ୍ୟମ ଭାବେ ବିକଶିତ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଶ୍ୱକୁ ସଂଘର୍ଷରୁ

ସହଯୋଗ ଏବଂ ଚାପରୁ ସମାଧାନର ମାର୍ଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଜ୍ଞାନ ଆଧୁନିକ ଗବେଷଣା ମାଧ୍ୟମରେ ବିଶ୍ୱସ୍ତରରେ ପ୍ରସାର କରିବାରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମସାମୟିକ ଚିକିତ୍ସା ପଦ୍ଧତିରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ।

ନୂଆଦିଲ୍ଲୀ ଏମ୍ସର ଗବେଷଣା ନିଷ୍କର୍ଷକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ହୃଦ୍‌ରୋଗ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତାରେ ଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଛନ୍ତି ।

ବିଶାଖାପଟନମ୍ କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ୭୨ ହଜାର ଲୋକ ଅଂଶ ଗ୍ରହଣ କରିଥିଲେ । ଏଥିରେ ୪୫ ମିନିଟ୍‌ର ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

## ପିଏମ୍-ଅନ୍ନପୂର୍ଣ୍ଣା ଦେବୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗକୁ ମହିଳା ଏବଂ ଶିଶୁକଲ୍ୟାଣ ନୀତିରେ ସାମିଲ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି । ଯୋଗ ସାରା ଦେଶରେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ଏବଂ ଲୋକମାନଙ୍କ କଲ୍ୟାଣକୁ ବୃଦ୍ଧି କରିବାରେ ସହାୟକ ହୋଇଛି ବୋଲି କହିଛନ୍ତି । ମହିଳା ଏବଂ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟର

ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି ମହିଳା ଏବଂ ଶିଶୁକଲ୍ୟାଣ ନୀତିରେ ଯୋଗକୁ ସାମିଲ କରିବା ଦ୍ୱାରା ସମଗ୍ର ଭାରତରେ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ଏବଂ ଜନକଲ୍ୟାଣ ବୃଦ୍ଧି ପାଇଛି ।

# ଓମ୍ ବିର୍ଲା-ଯୋଗ

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଯୋଗ ଶରୀର, ମନ ଓ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ଭାବେ କାର୍ଯ୍ୟ କରେ । ବ୍ୟକ୍ତିବିଶେଷଙ୍କ ସାମଗ୍ରିକ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ଶ୍ରୀ ବିର୍ଲା କହିଛନ୍ତି । ସଂସଦ ପରିସରରେ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନର ନେତୃତ୍ୱ ନେବା ଅବସରରେ ସେ ଏହା କହିଛନ୍ତି । ବିଶ୍ୱର ବିଭିନ୍ନ ସ୍ଥାନରେ ଲକ୍ଷଲକ୍ଷ ଲୋକ ଏହି ପ୍ରାଚୀନ ପରମ୍ପରାକୁ ଗ୍ରହଣ କରି ଯୋଗାଭ୍ୟାସ କରୁଛନ୍ତି । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ମଧ୍ୟ ନୂଆଦିଲ୍ଲୀର ପୁଶା ପରିସରରେ ସାମୁହିକ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଛନ୍ତି ଯୋଗାଭ୍ୟାସ ଦ୍ୱାରା ସ୍ଥିର ଓ ସୁସ୍ଥ ଶରୀର ସହଜରେ  ବଜାୟ ରଖିହୁଏ । ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ଚୌହ୍ୱାନ ସମସ୍ତଙ୍କୁ ଯୋଗକୁ ଏକ ରୀତି ଭାବରେ ନୁହେଁ ବରଂ ଏକ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ଅନୁରୋଧ କରିଛନ୍ତି ।

## ଚଣ୍ଡିଗଡ-ଯୋଗ ଦିବସ

ଚଣ୍ଡିଗଡର ଡକ୍ଟର ଆମ୍ବେଦକର ହୋଟେଲ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ସୁକନା ହ୍ରଦ ଏବଂ ପ୍ରତିଷ୍ଠାନ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ସୁକ୍ନା ହ୍ରଦରେ ଏକ ଆକର୍ଷଣୀୟ ଯୋଗ ପ୍ରଦର୍ଶନ କରାଯାଇଥିଲା । ଯେଉଁଥିରେ ବିଭିନ୍ନ ଆସନ ଶ୍ୱାସକ୍ରିୟା କୌଶଳ ପ୍ରଦର୍ଶନ କରାଯାଇଥିଲା । କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ତଥା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ବିଟୁ ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଯୋଗ କରିବା ଦ୍ୱାରା ଏହା ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ କେତେ ଫଳପ୍ରଦ ହୋଇଥାଏ ତାହା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ ।

## ଏନ୍‌ସିସି-ଯୋଗ ଦିବସ

ଭାରତୀୟ ତଟରକ୍ଷୀ ବାହିନୀ ଦେଶର ଉପକୂଳ ଏବଂ ଦ୍ୱୀପାଞ୍ଚଳର ୬୦ରୁ ଅଧିକ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି । ସମସ୍ତ ଭାରତୀୟ ତଟରକ୍ଷୀ ବାହିନୀ ଅଞ୍ଚଳରେ ଏହି ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତ୍ତର-ପଶ୍ଚିମ କ୍ଷେତ୍ରର ଯଖାଓ୍ୱ, ମୁନ୍ଦ୍ରା, ବାଦିନାର୍, ଓଖା, ପିପାଭଭ, ସୁରତ, ଗାନ୍ଧୀନଗର ଏବଂ ଭେରାଭଲ କେନ୍ଦ୍ର ଗୁଡ଼ିକରେ ଯୋଗାଭ୍ୟାସ କରାଯାଇଥିଲା । ଏନ୍‌ସିସିର ୯ଲକ୍ଷରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ମଧ୍ୟ ଏହି ସମନ୍ୱିତ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ପ୍ରତିରକ୍ଷା

ମନ୍ତ୍ରଣାଳୟ କହିଛି ଏହି ଯୋଗ କାର୍ଯ୍ୟକ୍ରମ ଗୁଡ଼ିକ ଉତ୍ତର ଲେହଠାରୁ ଦକ୍ଷିଣ କନ୍ୟାକୁମାରୀ ପର୍ଯ୍ୟନ୍ତ ଆୟୋଜନ କରାଯାଇଛି ।

## ସାଉଦୀ ଆରବ-ଯୋଗ

ରିୟାଦର ପ୍ରିନ୍ସ ଫୈସଲ ବିନ୍ ଫହଦ ସ୍ପୋର୍ଟ୍ସ ସିଟି ଷ୍ଟାଡିୟମଠାରେ ଭାରତୀୟ ଦୂତାବାସ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ଏଥିରେ ସାଉଦୀ ଆରବର ୫୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମାନବକଲ୍ୟାଣ ତଥା ବିଶ୍ୱ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ଯୋଗର ଲୋକପ୍ରିୟତା ଏବଂ ସାଉଦୀ ଆରବରେ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ମାନ୍ୟତା ଦେବାପାଇଁ ବକ୍ତାମାନେ ମତପ୍ରକାଶ କରିଥିଲେ । ଯୋଗାଭ୍ୟାସକୁ ନେଇ ଗତ ଏକମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ସମଗ୍ର ସାଉଦୀ ଆରବରେ ଆରମ୍ଭ ହୋଇ ଆଜି ତାହାର ଉଦ୍ଯାପନୀ ହୋଇଥିଲା ।

## ଉତ୍ତରାଖଣ୍ଡ ପଞ୍ଚାୟତ ଇଲେକ୍ସନ

ଉତ୍ତରାଖଣ୍ଡ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସନ୍ତା ମାସ ୧୦ ତାରିଖରେ ଅନୁଷ୍ଠିତ ହେବ । ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ରାଜ୍ୟ ନିର୍ବାଚନ ଆୟୋଗ ସୁଶୀଲ କୁମାର କହିଛନ୍ତି ଆସନ୍ତା ୨୫ ତାରିଖରେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ ।

ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା ୨୮ ତାରିଖରେ ଶେଷ ହେବ ବୋଲି ଶ୍ରୀ କୁମାର କହିଛନ୍ତି ।

## ଡିଜିସିଏ-ଏୟାର ଇଣ୍ଡିଆ

କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିବା ନେଇ ୩ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଏୟାର ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛି । ବିଳମ୍ବ ନ କରି ଏହି ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୦ଦିନ ମଧ୍ୟରେ ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି । ସୂଚନାଯୋଗ୍ୟ ଏହି ଅଧିକାରୀମାନେ ବିମାନ ଚଳାଚଳ ମାର୍ଗ ପ୍ରଣାଳୀରେ ସଠିକତା ଅବଲମ୍ବନ ନକରିଥିବାରୁ ସେମାନଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି ।

## ଇସ୍ରାଏଲ-ଇରାନ କନ୍‌ଫିଟ୍

ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ନବମ ଦିନରେ ଉଭୟ ପକ୍ଷରୁ ଆକ୍ରମଣ ଜାରି ରହିଛି । ଇସ୍ରାଏଲ ଇରାନ୍‌ର ପରମାଣୁ ଭିତ୍ତିଭୂମି ଉପରେ ତା'ର ସାମରିକ ଆକ୍ରମଣ କରିଛି । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି କେନ୍ଦ୍ରୀୟ ଇରାନ୍‌ରେ କ୍ଷେପଣାସ୍ତ୍ର ସଂରକ୍ଷଣ ଏବଂ ଭିତ୍ତିଭୂମି ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି । ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଏହି ଆକ୍ରମଣରେ ଇରାନ୍‌ର ବରିଷ୍ଠ କମାଣ୍ଡର

ସୟିଦ ଇଜାଦି ପ୍ରାଣ ହରାଇଛନ୍ତି । ଇରାନ୍ ରାଷ୍ଟ୍ରାୟତ୍ତ ଗଣମାଧ୍ୟମ କହିଛି ଇସ୍ରାଏଲ ପକ୍ଷରୁ ଗଣମାଧ୍ୟମ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି । ଏହି ଆକ୍ରମଣରେ ହାଇଫାଠାରେ ୨୩ଜଣ ଆହତ ହୋଇଛନ୍ତି ।

ଅପରପକ୍ଷରେ ଇରାନ୍ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ତାଙ୍କ ଦେଶ କୂଟନୈତିକ ସ୍ତରରେ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଅଛି । ତେବେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ବନ୍ଦ ହେଲେ ଏହି କଥାବାର୍ତ୍ତା ସମ୍ଭବ ହୋଇପାରିବ । ଇରାନ୍ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଏହି ସଂଘର୍ଷରେ ୪୩୦ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୩ହଜାର ୫୦୦ଜଣ ଆହତ ହୋଇଛନ୍ତି । ତେବେ ଇସ୍ରାଏଲ କର୍ତ୍ତୃପକ୍ଷ କହିଛନ୍ତି ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼ରେ ତାଙ୍କ ଦେଶର ୨୪ଜଣ ନାଗରିକ ପ୍ରାଣ ହରାଇଛନ୍ତି । ଇତିମଧ୍ୟରେ ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଆମେରିକା ରାଷ୍ଟ୍ରପତି ଆସନ୍ତା ୧୫ ଦିନ ମଧ୍ୟରେ ଇସ୍ରାଏଲ-ଇରାନ୍ ସଂଘର୍ଷରେ ଆମେରିକା ପ୍ରତ୍ୟକ୍ଷ ଭାବେ ହସ୍ତକ୍ଷେପ କରିବ କି ନାହିଁ ବୋଲି ନିଷ୍ପତ୍ତି ନେବେ ।

## ଇଂଲଣ୍ଡ-ଇଣ୍ଡିଆ ଟେଷ୍ଟ

ଲିଡସ୍‌ରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଭାରତ ସମସ୍ତ ୱିକେଟ୍ ହରାଇ ୪୭୧ ରନ୍ ସଂଗ୍ରହ କରିଛି । ପ୍ରଥମ ଦିନରେ ଭାରତ ତା'ର ପ୍ରଥମ ଇନିଂସ୍‌ରେ ୩

ୱିକେଟ୍ ହରାଇ ୩ଶହ ଅଣଷଠି ରନ୍ କରିଥିଲା । ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ଓପନର ଯଶସ୍ୱୀ ଜୟସ୍ୱାଲ ଏବଂ ଅଧିନାୟକ ଶୁଭମନ ଗିଲ୍ ତଥା ଉପଅଧିନାୟକ ରିଷଭ ପନ୍ତଙ୍କ ଶତକ ବଳରେ ଏକ ଦୃଢ଼ ସ୍ଥିତିରେ ରହିଛି । ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଏବଂ ଜୋସ୍ ଟଙ୍ଗ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ରିଷଭ ପନ୍ତ ତାଙ୍କ ଜୀବନର ସପ୍ତମ ଶତକ ହାସଲ କରି ଭାରତୀୟ ୱିକେଟ୍ ମହେନ୍ଦ୍ର ସିଂହ ଧୋନୀଙ୍କ ସହ ସମକକ୍ଷ ହେବାରେ ଗୌରବ ହାସଲ କରିଛନ୍ତି ।